# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st January – 2026

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍‌ରେ ସମବାୟ ନୀତି ସହ ୧୨ଟି ପ୍ରସ୍ତାବ ମଞ୍ଜୁର ।

— ଢେଙ୍କାନାଳରେ ମେଗା ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠାପାଇଁ ନିଷ୍ପତ୍ତି ।

- ଲୋକସଭାରେ ଆସନ୍ତାକାଲି ୨୦୨୬-୨୭ ଆର୍ଥିକ ବର୍ଷପାଇଁ ବଜେଟ୍ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ।

- ଦକ୍ଷତାର ସୁବିନିଯୋଗ କରି ବିକଶିତ ଭାରତ ଗଠନରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳଙ୍କ ଆହ୍ୱାନ ।

ଏବଂ

- ଯୋରନ୍ଦାରେ ଝାଡ଼ଦୀପ ପ୍ରଜ୍ୱଳିତ ହେବା ସହ ଆରମ୍ଭ ହେଲା ପ୍ରସିଦ୍ଧ ମାଘମେଳା ।

*BBSR/R*

# ରାଜ୍ୟ କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ୩୫ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୋଟ୍ ୧୦ଟି ବିଭାଗର ୧୨ଟି ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ସମବାୟ କ୍ଷେତ୍ରକୁ ଅଧିକ ଦକ୍ଷ ଓ ସ୍ୱଚ୍ଛ କରିବାପାଇଁ ରାଜ୍ୟ ସମବାୟ ନୀତିକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି । ସମବାୟ ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ । ଜଳସମ୍ପଦ ବିଭାଗର ଡାଇଭର୍ସନ ସିଷ୍ଟମ୍ ପାଇଁ ୩୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଢେଙ୍କାନାଳରେ ୧୭ ହଜାର ୨୫୦ କୋଟି ଟଙ୍କା ନିବେଶରେ ଏକ ମେଗା ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବ । ଏହାଦ୍ୱରା ୪ ହଜାର ୮୦୦ ପ୍ରତ୍ୟକ୍ଷ ଏବଂ ୫ ହଜାର ୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । କ୍ୟାବିନେଟ୍‌ରେ ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ ବିମାନ ଚଳାଚଳ ଜାରି ରଖିବାପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ନିଷ୍ପତ୍ତି ହୋଇଛି । ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ ନାମକ ନୂତନ ସେବାବର୍ଗ ଗଠନ କରାଯାଇଛି ।

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ । ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ସରକାରଙ୍କ ପକ୍ଷରୁ ୨୦ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବା ନେଇ ବୈଠକରେ ନିଷ୍ପତ୍ତି

ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି :

***Voice (Anu Garg)*** :.......

***Desk***

# କେନ୍ଦ୍ର ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ। ୨୦୧୯ ମସିହାରେ ଶ୍ରୀମତୀ ସୀତାରମଣ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ନବମ ବଜେଟ୍ ଉପସ୍ଥାପନ ହେବ। ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ଏହା ହେଉଛି ତୃତୀୟ ବଜେଟ୍। ସଂସଦରେ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଦସ୍ତାବିଜ୍‌ଗୁଡ଼ିକ ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ।

ବଜେଟ୍ ଉପସ୍ଥାପନ ପରେ ଦେଶର ବିଭିନ୍ନ ଅଞ୍ଚଳର ପ୍ରାୟ ତିରିଶ ଜଣ କଲେଜ ଛାତ୍ରଛାତ୍ରୀଙ୍କ ସହ ଶ୍ରୀମତୀ ସୀତାରମଣ  ବାର୍ତ୍ତାଳାପ କରିବେ।

***Desk***

## ସୁନେତ୍ରା ପୱାର୍

ମୁମ୍ବାଇର ଲୋକଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଏକ ସମାରୋହରେ ରାଜ୍ୟସଭା ସାଂସଦ ସୁନେତ୍ରା ପୱାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ପୂର୍ବରୁ ସ୍ୱର୍ଗତ ଅଜିତ ପୱାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଦଳର ବିଧାନ ଭବନ ପରିସରରେ ଅନୁଷ୍ଠିତ ବୈଠକରେ ଆଜି ଶ୍ରୀମତୀ ପୱାରଙ୍କୁ ସର୍ବସମ୍ମତି କ୍ରମେ ଏନ୍.ସି.ପି. ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଥିଲା । ବିମାନ ଦୁର୍ଘଟଣାରେ ଶ୍ରୀମତୀ ପୱାରଙ୍କ ସ୍ୱାମୀ ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ଆକସ୍ମିକ ମୃତ୍ୟୁ ପରେ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାରୁ ଶ୍ରୀମତୀ ପୱାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***Cuttack/R***

## ରାଜ୍ୟପାଳ - ସମାବର୍ତ୍ତନ ଉତ୍ସବ

ଦକ୍ଷତାର ସୁବିନିଯୋଗ କରି ବିକଶିତ ଭାରତ ଗଠନରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି ।

କଟକ ଟାଙ୍ଗୀସ୍ଥିତ ଏକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟ ଓ ପରିଶ୍ରମ ସେମାନଙ୍କ ସଫଳତାର ମାପକାଠି । ଡିଗ୍ରୀ ହାସଲ କରି ଶିକ୍ଷା ସମାପ୍ତ ହୁଏନି, ଏହା ଏକ ଜୀବନବ୍ୟାପୀ ସାଧନା । ଛାତ୍ରଛାତ୍ରୀମାନେ ଏହାକୁ ହୃଦୟଙ୍ଗମ କରି ଭବିଷ୍ୟତ ଗଠନ ସହ ସମୃଦ୍ଧ ଓଡ଼ିଶା ନିର୍ମାଣପାଇଁ ଅଗ୍ରସର ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

***BBSR/R***

## ମୁଖ୍ୟ ବନ ସଂରକ୍ଷକ

ରାଜ୍ୟ ସରକାର ଡକ୍ଟର କେ. ମୁରୁଗେଶାନ୍‌ଙ୍କୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ରାଜ୍ୟ ବନ ବାହିନୀର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି । ଡକ୍ଟର ମୁରୁଗେଶାନ୍ ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇ.ଏଫ୍.ଏସ୍. ଅଫିସର । ଏନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Dhenkanal/R***

## ଯୋରନ୍ଦା ମେଳା

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ଆଜିଠାରୁ ପ୍ରସିଦ୍ଧ ମାଘମେଳା ଆରମ୍ଭ ହୋଇଛି । ସନ୍ଧ୍ୟା ୫ଟାରେ ଝାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା । ଏହି ଝାଡ଼ ଦ୍ୱୀପ ମହିମା ପୀଠର ଗାଦି ମନ୍ଦିର, ବତି

ମନ୍ଦିର, ଧୂନି ଓ ଶୂନ୍ୟ ମନ୍ଦିରରେ ପ୍ରଜ୍ବଳିତ ହୋଇଛି । ଚଳିତ ବର୍ଷ ମାଘ ମେଳାକୁ ୧୫୩ ବର୍ଷ ପୂରଣ ହୋଇଛି। ମେଳାରେ ଭାଗ ନେବା ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ସାଧୁସନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂର୍ତ୍ତି ହୋଇଥିବା ନେଇ ମହିମା ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ କହିଛନ୍ତି। ମେଳାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋରନ୍ଦା ମେଳାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

## ଦୁର୍ଘଟଣା ସହାୟତା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ହଳଦିଆପଦଠାରେ ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କପାଇଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ । ଦୁର୍ଘଟଣାରେ

ଆହତଙ୍କପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବ୍ରହ୍ମପୁର ହଳଦିଆପଦର ଓଭରବ୍ରିଜ୍‌ଠାରେ ଟ୍ରକ୍ –ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣଙ୍କର ମୃତ୍ୟୁ ଘଟିବା ସହ ୬ ଜଣ ଗୁରୁତର ଆହତ ହୋଇଥିଲେ ।

***Nayagarh/R***

# କଳା କଲରାପତରିଆ ବାଘ

ନୟାଗଡ଼ ଜିଲ୍ଲାରେ କଳା କଲରାପତରିଆ ବାଘ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା କହିଛନ୍ତି । ଗଣିଆ ଓ ଦଶପଲ୍ଲା ଜଙ୍ଗଲ ଅଞ୍ଚଳରେ ଟ୍ରାପ୍ କ୍ୟାମେରାକୁ ଭିତ୍ତିକରି ବାଘସଂଖ୍ୟା ୬ରୁ ୭ ରହିଥିବା ଶ୍ରୀ ବେହେରା କହିଛନ୍ତି । ରାଜ୍ୟରେ ବାଘଗଣନା ଜାରି ରହିଥିବାବେଳେ ନୟାଗଡ଼ ବନ୍ୟପ୍ରାଣୀ ଡିଭିଜନ୍‌ରେ ବାଘ, ବିରଳ କଳାବାଘ, ହାତୀ ଆଦି ବନ୍ୟପ୍ରାଣୀ ଗଣନା କରାଯାଉଛି ।

***Gajapati/R***

# ଜଳ ବିଭାଜିକା

ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଭୂପତି-ଲକ୍ଷ୍ମୀପୁରଠାରେ ଜଳ ବିଭାଜିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ କୃଷି ଓ କୃଷକର ଉନ୍ନତିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ପାଣିଗ୍ରାହୀ ଗୋରୀବନ୍ଧାଠାରେ ଏକ ସଭାମଣ୍ଡପର ଲୋକାର୍ପଣ କରିବା ସହ ଭାନା-ଖୁରିଗାଁଠାରେ ଏକ ଆଡ଼ିବନ୍ଧ ପ୍ରକଳ୍ପର ଭୂମିପୂଜନ କରିଥିଲେ ।

***Desk***

# ଜେଲ୍ ସଂସ୍କାର

ରାଜ୍ୟ ସରକାର ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଉଛି । ଏହି କ୍ରମରେ ଜେଲ୍‌ରେ ରହୁଥିବା ମହିଳା କଏଦୀମାନଙ୍କ ପାଇଁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରିବା ସହ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜେଲ୍ ସଂସ୍କାର ନୀତି

ଆଣିଛନ୍ତି। ଫୁଲବାଣୀ ମଣ୍ଡଳ କାରାଗାରରେ ରହୁଥିବା ଅନ୍ତେବାସୀମାନେ ବିଭିନ୍ନ ପନିପରିବା ଚାଷ କରି ବଜାରରେ ବିକ୍ରି କରୁଛନ୍ତି। ଏହା ସହ ଫିନାଇଲ, ଧୂପବତି ମଧ ପ୍ରସ୍ତୁତ କରି ବିକ୍ରୟ କରୁଛନ୍ତି। ଫୁଲବାଣୀ ମଣ୍ଡଳ କାରାଗାରରେ ବର୍ତ୍ତମାନ ୩୩୨ ଜଣ ମହିଳା ଅନ୍ତେବାସୀ ଅଛନ୍ତି। ଆର୍ଥିକ ସ୍ୱାବଲମ୍ବୀ ହେବା ଫଳରେ ଅନ୍ତେବାସୀମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ ଏହା ସେମାନଙ୍କୁ ସନ୍ତୋଷ ପ୍ରଦାନ କରୁଛି ବୋଲି ଫୁଲବାଣୀ ମଣ୍ଡଳ କାରାଗାରା ଅଧୀକ୍ଷକ ବୀରେନ୍ଦ୍ର ନାଥ ମହାଳି କହିଛନ୍ତି...

***Voice :......***

***Gajapati/R***

# ଗାଇଡ୍ କେମ୍ପୋରୀ

ଗଜପତି ଜିଲ୍ଲା ରାୟଗଡ଼ସ୍ଥିତ ସରକାରୀ ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଜିଲ୍ଲାସ୍ତରୀ ଭାରତ ସ୍କାଉଟ୍ ଓ ଗାଇଡ୍ କେମ୍ପୋରୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇ କେମ୍ପୋରୀ କାର୍ଯ୍ୟକ୍ରମରେ ଦିଆଯାଇଥିବା ତାଲିମ୍‌କୁ ଭବିଷ୍ୟତରେ କାର୍ଯ୍ୟକାରୀ କରିବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କେମ୍ପୋରୀରେ ୫୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ ।

*Nabaranpur/R*

# ନିଯୁକ୍ତି ମେଳା

ନବରଙ୍ଗପୁର ରାଜା ଶ୍ରୀଚୈତନ୍ୟ ଦେବ ନୋଡାଲ୍ ହାଇସ୍କୁଲ୍ ଖେଳପଡ଼ିଆରେ ଆସନ୍ତା ୪ ତାରିଖ ଦିନ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ ଡକ୍ଟର ମହେଶର ସ୍ୱାଇଁ କହିଛନ୍ତି । ଏହି ମେଳାରେ ଜିଲ୍ଲା ଏବଂ ଜିଲ୍ଲା ବାହାରର ୪୦ରୁ ଅଧିକ ଘରୋଇ ନିଯୁକ୍ତି ସଂସ୍ଥା ଏବଂ ତାଲିମ ପ୍ରଦାନକାରୀ ସହ-ନିଯୁକ୍ତି ସଂସ୍ଥା ଅଂଶଗ୍ରହଣ କରିବେ । ଜିଲ୍ଲାର ୧୭ରୁ ୩୫ ବର୍ଷ ବୟସ ମଧ୍ୟରେ ଥିବା ନିଯୁକ୍ତି ଆଶାୟୀ ମେଳାରେ ଅଂଶଗ୍ରହଣ କରିପାରିବେ ।

*Gajapati-2, Deogarh, Bhadrak, Boudh, Nayagarh-2, Malkangiri/R*

# ଏଥର କିଛି ସମ୍ବାଦ ସଂକ୍ଷେପରେ

ଗଜପତି ଜିଲ୍ଲା ମୋହନାଠାରେ ଥିବା ହିଲଟପ୍ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ-ଭୁବନେଶ୍ୱର ପକ୍ଷରୁ  ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ପାରଳାଖେମୁଣ୍ଡିର ଅବଦାନ ସମ୍ପର୍କରେ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ କନ୍ୟାସନ୍ତାନର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ ।

ଭଦ୍ରକ ଜିଲ୍ଲା ସାଳନ୍ଦୀ ନଦୀ କାଉପୁର ପଞ୍ଚାୟତ ଭୀମପୁରଠାରେ ପ୍ରସିଦ୍ଧ ଦେବର କୁଣ୍ଡ ମେଳା ଅନୁଷ୍ଠିତ ହୋଇଯାଇଛି ।

ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ଅଞ୍ଚଳବାସୀ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କୁ ସାକ୍ଷାତ୍ କରି କ୍ଷତିପୂରଣ ଓ ଥଇଥାନ ସମ୍ପର୍କରେ ଆଲୋଚନା କରିଛନ୍ତି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ‘ଶିଶୁଙ୍କପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ବ୍ୟାପକ ଜନ ସଚେତନତା ସହିତ ଶିଶୁମାନଙ୍କ ସୁରକ୍ଷାପାଇଁ ବିଭିନ୍ନ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଧିକ କ୍ରିୟାଶୀଳ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଷ୍ଟାଡିୟମ୍ ପରିସରରେ ପଦଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା ।

ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ସତୀଗୁଡ଼ା ଜଳଭଣ୍ଡାରଠାରେ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଆଜି ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୧୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସ ଆଜି ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ପୁଲିସ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମ ମାନି ଗାଡ଼ି ଚଳାଇଲେ ଦୁର୍ଘଟଣା ରୋକାଯାଇପାରିବ ବୋଲି କହିଥିଲେ । ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

******